କ୍ୟାଣ୍ଟନମେଣ୍ଟ ବୋର୍ଡ ଏବଂ ଅନ୍ୟଜଣେ

ବନାମ

ମୋହନଲାଲ ଏବଂ ଅନ୍ୟଜଣେ

ଜାନୁଆରୀ 2, 1996

[କେ. ରାମସ୍ୱାମୀ ଏବଂ ଜି.ବି. ପଟ୍ଟନାଏକ, ନ୍ୟାୟମୂର୍ତ୍ତିଦ୍ୱୟ]

*କ୍ୟାଣ୍ଟନମେଣ୍ଟ ଅଧିନିୟମ, 1924 :*

*ଧାରା 85, 184, 185, 256 - ଅନଧିକୃତ ନିର୍ମାଣ - ଧ୍ୱଂସ କରିବା - ବିଜ୍ଞପ୍ତି ଜାରି କରିବା - ସ୍ୱାଧୀନ ତଦନ୍ତ - ଆବଶ୍ୟକ ନୁହେଁ ବୋଲି ନିର୍ଣ୍ଣୟ କରାଗଲା - କ୍ୟାଣ୍ଟନମେଣ୍ଟ ବୋର୍ଡର କାର୍ଯ୍ୟକୁ ଯଥାର୍ଥ ଏବଂ ପ୍ରାକୃତିକ ନ୍ୟାୟ ନୀତିର ଉଲ୍ଲଂଘନ ନୁହେଁ ବୋଲି ନିର୍ଣ୍ଣୟ କରାଗଲା ।*

ଦେୱାନୀ ଅପିଲୀୟ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1470/1981 ।

ବିବିଧ ଆବେଦନ ସଂଖ୍ୟା 902/1975 ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ତା 5.11.79 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ପି.ଏନ୍. ଲେଖୀ ଏବଂ ଏମ୍.କେ. ଗର୍ଗ ।

ଉତ୍ତରଦାତାମାନଙ୍କ ପାଇଁ ଓ.ପି. ଶର୍ମା, ଆର୍.ସି. ଗୁବ୍ରେଲେ, କେ.ଆର୍. ଗୁପ୍ତା, ବିବେକ ଶର୍ମା, ଅଶୋକ ସୁଦାନ ଏବଂ ସୁଶ୍ରୀ ନାନିତା ଶର୍ମା ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଦାଖଲ ହୋଇଥିବା ନଭେମ୍ବର 5, 1979 ରେ ପାରିତ ହୋଇଥିବା ବିବିଧ ପିଟିସନ୍ ସଂଖ୍ୟା 2090/75 ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ବିଚାରପତିଙ୍କ ବିଚାରପୀଠର ଆଦେଶରୁ ଉତ୍ପନ୍ନ ହୋଇଛି । ସ୍ୱୀକୃତ ତଥ୍ୟ ହେଉଛି ଯେ ଆବେଦନକାରୀ କ୍ୟାଣ୍ଟନମେଣ୍ଟ ଅଧିନିୟମ, 1924 (ସଂକ୍ଷେପରେ, 'ଅଧିନିୟମ') ର ଧାରା 85 ଅନୁଯାୟୀ ମାର୍ଚ୍ଚ 27, 1993 ରେ ବିବାଦରେ ଥିବା ସମ୍ପତ୍ତିରେ ହୋଇଥିବା ନିର୍ମାଣକୁ ଭାଙ୍ଗିବା ପାଇଁ ଉତ୍ତରଦାତାଙ୍କୁ ଏକ ବିଜ୍ଞପ୍ତି ଜାରି କରିଥିଲେ । ପ୍ରଥମ ଉତ୍ତରଦାତା ମେ 2, 1973 ରେ ବିଜ୍ଞପ୍ତି ପାଇଥିଲେ, କିନ୍ତୁ ସେ ନିର୍ମାଣ କାର୍ଯ୍ୟ ଆଗକୁ ବଢାଇଥିଲେ । ତେବେ, ଧାରା 256 ଅନୁଯାୟୀ ଜାନୁଆରୀ 3, 1974 ରେ ବିଜ୍ଞପ୍ତି ଜାରି କରାଯାଇଥିଲା ଏବଂ ଧାରା 185 ଅନୁଯାୟୀ ସେପ୍ଟେମ୍ବର 13, 1974 ରେ ଧ୍ୱଂସ ପାଇଁ ଦ୍ୱିତୀୟ ବିଜ୍ଞପ୍ତି ଜାରି କରାଯାଇଥିଲା । ପ୍ରଥମ ଉତ୍ତରଦାତା 1974 ମସିହା ଅକ୍ଟୋବର 30 ତାରିଖରେ ନିଜର ଉତ୍ତର ଉପସ୍ଥାପନ କରିଥିଲେ । ମାର୍ଚ୍ଚ 27, 1973 ଏବଂ ସେପ୍ଟେମ୍ବର 13, 1974 ରେ ଦିଆଯାଇଥିବା ବିଜ୍ଞପ୍ତିର ଅନୁପାଳନ ପାଇଁ 15 ଦିନର ସମୟ ଦେବା ପାଇଁ ପ୍ରଥମ ଉତ୍ତରଦାତାଙ୍କ ଦ୍ୱାରା କରାଯାଇଥିବା ଅନୁରୋଧ ଉପରେ ବିଚାର କରିବା ପରେ 7 ଡିସେମ୍ବର, 1974 ରେ ଅଞ୍ଚଳ କମିଟି ସଂକଳ୍ପ ପାରିତ କରିଥିଲା ଏବଂ ଯଦି ସେ ଏହାକୁ ପାଳନ ନକରନ୍ତି ତେବେ ଏହା ବୋର୍ଡର ଏଜେନ୍ସି ମାଧ୍ୟମରେ ସଂରଚନାକୁ ଭାଙ୍ଗିବା ପାଇଁ ନିଷ୍ପତ୍ତି ନେଇଥିଲା । ଏହି କାର୍ଯ୍ୟାନୁଷ୍ଠାନକୁ ପ୍ରଶ୍ନରେ ରଖି ଉତ୍ତରଦାତା ଉଚ୍ଚ ନ୍ୟାୟାଳୟରେ ଉପରୋକ୍ତ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଦୁଇଜଣିଆ ବିଚାରପତିଙ୍କ ବିଚାରପୀଠ ନିର୍ଣ୍ଣୟ କରିଛନ୍ତି ଯେ ଯଦିଓ ପଞ୍ଚମ ଅନୁସୂଚୀ ସହିତ ପଢାଯାଇଥିବା ଧାରା 185 କୌଣସି ତଦନ୍ତ କିମ୍ବା ନଥିଭୁକ୍ତ କରାଯିବାର କାରଣ ବିଷୟରେ ବିଚାର କରେ ନାହିଁ, ପ୍ରାକୃତିକ ନ୍ୟାୟର ନୀତି ଆବଶ୍ୟକ କରେ ଯେ ବୋର୍ଡ ଅନୁରୋଧ ଉପରେ ବିଚାର କରିବା ଆବଶ୍ୟକ କାରଣ ଏହା ଧାରା 184 ଅନୁଯାୟୀ ଏକ ଅପରାଧ ଏବଂ ପ୍ରାକୃତିକ ନ୍ୟାୟ ନୀତି ଆବଶ୍ୟକ କରେ ଯେ ଆବଶ୍ୟକ ବିଜ୍ଞପ୍ତି ଏବଂ ଶୁଣାଣିର ସୁଯୋଗ ଦିଆଯିବା ଉଚିତ ଏବଂ ଅନୁରୋଧର ବିଚାର ପରେ କାରଣଯୁକ୍ତ ଆଦେଶ ପାରିତ

କରାଯିବା ଆବଶ୍ୟକ । ଯେହେତୁ କାରଣଯୁକ୍ତ ଆଦେଶ ପାରିତ ହୋଇନଥିଲା, ତେଣୁ ଉତ୍ତରଦାତାଙ୍କ କାର୍ଯ୍ୟ ଆଇନର ଉଲ୍ଲଘଂନ ଥିଲା ।

ଏହି ମାମଲାରେ ଏକମାତ୍ର ପ୍ରଶ୍ନ ହେଉଛି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ଆଇନ ଦୃଷ୍ଟିରୁ ଭଲ କି ? ଏହା ଦେଖାଯାଏ ଯେ ଉତ୍ତରଦାତା ତାଙ୍କ ଉତ୍ତରରେ ସ୍ୱୀକାର କରିଥିଲେ ଯେ ସେମାନେ ନିର୍ମାଣ କରିଥିଲେ, ଯାହା କ୍ୟାଣ୍ଟନମେଣ୍ଟ ବୋର୍ଡ ଦ୍ୱାରା ସେପ୍ଟେମ୍ବର 13, 1974 ରେ ଏହାର ନୋଟିସ ଏବଂ ପୂର୍ବ ନୋଟିସରେ ଦର୍ଶାଯାଇଛି । କିନ୍ତୁ ସେ କହିଥିଲେ ଯେ ସେ ଏହା ସଙ୍କୋଚତାର ସହ କରିଛନ୍ତି ଏବଂ ସେ ଏହାକୁ ଭାଙ୍ଗିବେ ନାହିଁ, ବରଂ କର୍ତ୍ତୃପକ୍ଷ ଏହି ପ୍ରସଙ୍ଗରେ ପୁନର୍ବିଚାର କରିବାକୁ ଏବଂ ବିଜ୍ଞପ୍ତି ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ । ଅନ୍ୟ ଅର୍ଥରେ, ସେ ସ୍ୱୀକାର କରିଥିଲେ ଯେ ସେ ଆଇନ ଅନୁପାଳନ ନକରି ବେଆଇନ ନିର୍ମାଣ କରିଥିଲେ । ତେଣୁ ପ୍ରଶ୍ନ ହେଉଛି ଯେ ସେଥିପାଇଁ ତଦନ୍ତ କରାଯିବା ଆବଶ୍ୟକ କି ? ଆମର ବିଚାରଯୋଗ୍ୟ ମତ ହେଉଛି ଯେ ନୋଟିସ ଜାରି ହେବା ପରେ ଏବଂ ଉତ୍ତରଦାତାଙ୍କ ଦ୍ୱାରା ତାଙ୍କର ଉତ୍ତର ଦିଆଯିବା ପରେ ଏକ ସ୍ୱାଧୀନ ତଦନ୍ତ କରାଯିବା ଆବଶ୍ୟକ ବୋଲି ଉଚ୍ଚ ନ୍ୟାୟାଳୟ ତାଙ୍କ ସିଦ୍ଧାନ୍ତରେ ଠିକ୍ ନଥିଲେ ।

ଏହା ଦେଖିବାକୁ ମିଳିଛି ଯେ କ୍ୟାଣ୍ଟନମେଣ୍ଟ ବୋର୍ଡ ହେଉଛି ଏକ ନିର୍ବାଚିତ ସଂସ୍ଥା ଯାହାର ପ୍ରତିନିଧିତ୍ୱ ଲୋକମାନେ ନିଜେ କରିଥାନ୍ତି । ଯେତେବେଳେ ଉତ୍ତରଦାତାଙ୍କ ଦ୍ୱାରା କରାଯାଇଥିବା ବେଆଇନ ନିର୍ମାଣ ବିଷୟରେ ସୂଚନା ଦେବା ପାଇଁ ସୁଯୋଗ ଦିଆଯାଇଥିଲା, ଏହାର ଉତ୍ତର ଦିଆଯାଇଥିଲା । ବୋର୍ଡ ପ୍ରତିନିଧିତ୍ୱକୁ ବିଚାର କରିଥିଲା ଏବଂ ଉତ୍ତରଦାତାଙ୍କ ଦ୍ୱାରା କରାଯାଇଥିବା ଅନୁରୋଧକୁ ଗ୍ରହଣ କରିବାକୁ ଆଗ୍ରହୀ ନଥିଲା । ତଦନୁସାରେ, କ୍ୟାଣ୍ଟନମେଣ୍ଟ ବୋର୍ଡ ଦ୍ୱାରା ପାରିତ ହୋଇଥିବା ସଂକଳ୍ପକୁ ପ୍ରାକୃତିକ ନ୍ୟାୟର ନୀତି ଉଲ୍ଲଂଘନକାରୀ ବୋଲି ଦୋଷ ଦିଆଯାଇପାରିବ ନାହିଁ ।

ତେବେ ଆବେଦନକାରୀଙ୍କ ପକ୍ଷରୁ ହାଜର ହୋଇଥିବା ବିଦ୍ୱାନ ଓକିଲ ଶ୍ରୀ ଲେଖୀ କହିଛନ୍ତି ଯେ ଉତ୍ତରଦାତାଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟକୁ କ୍ଷମା କରାଯାଇପାରିବ, ଯଦି ସେ ଆଇନ ଅନୁପାଳନ କରନ୍ତି । ଆବେଦନକାରୀଙ୍କ ଦ୍ୱାରା ନିଆଯାଇଥିବା ଆଭିମୁଖ୍ୟକୁ ଦୃଷ୍ଟିରେ ରଖି, ବୋର୍ଡକୁ ପ୍ରତିନିଧିତ୍ୱ କରିବାକୁ ଉତ୍ତରଦାତାଙ୍କ ପାଇଁ ଏହା ଉନ୍ମୁକ୍ତ ରହିବ ଏବଂ ବୋର୍ଡ ଏହାକୁ ସାଗରର ଜେନେରାଲ ଅଫିସର କମାଣ୍ଡିଂ ଇନ୍ ଚିଫଙ୍କ ନିକଟକୁ ପଠାଇବ, ଯିଏକି ଆଇନ ଅନୁଯାୟୀ ଉପଯୁକ୍ତ ଆଦେଶ ଦେବେ ।

ତଦନୁସାରେ ଆବେଦନକୁ ଅନୁମତି ଦିଆଗଲା । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଆବେଦନକୁ ମଞ୍ଜୁରୀ ମିଳିଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*<u>ଭାଷାନ୍ତର :</u>*

ରଶ୍ମିତା ମୁର୍ମୁ ,

ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।